## ସଂକ୍ଷେପରେ

### ଗାଡ଼ି ଧକ୍କାରେ ସାଇକେଲ୍ ଆରୋହୀ ମୃତ

**କାମାକ୍ଷାନଗର, ୨।୧୧(ଡି.ଏନ୍.ଏ.):** ଢେଙ୍କାନାଳ ଜିଲା କଙ୍କଡ଼ାହାଡ଼ ବ୍ଲକ ରହଣି ପେଟ୍ରୋଲ ପମ୍ପ ସମ୍ମୁଖରେ ବୁଧବାର ଏକ ସଡ଼କ ଦୁର୍ଘଟଣା ଘଟିଛି। ଏକ ଗାଡ଼ି ଧକ୍କା ଦେବାରୁ ସାଇକେଲ୍ ଆରୋହୀ ତଥା ମକୁଆକାଟେଣି ଗ୍ରାମର ମଧୁ ବେହେରା (୫୫)ଙ୍କ ମୃତ୍ୟୁ ଘଟିଛି। ମଧୁ ଅପରାହ୍ନ ପ୍ରାୟ ସାଢ଼େ ୫ଟାରେ ବୀରାଶାଳ ହାଟରୁ ସାଇକେଲରେ ଘରକୁ ଫେରୁଥିବା ବେଳେ ରହଣି ପେଟ୍ରୋଲ ପମ୍ପ ନିକଟ ରାସ୍ତାରେ ଏକ ଗାଡ଼ି ତାଙ୍କୁ ଧକ୍କା ଦେଇ ପଳାଇଥିଲା। ଘଟଣାସ୍ଥଳରେ ତାଙ୍କର ମୃତ୍ୟୁ ହୋଇଯାଇଥିଲା। କାମାକ୍ଷାନଗର ପୋଲିସ ଘଟଣାର ତଦନ୍ତ ଆରମ୍ଭ କରିଥିବାବେଳେ ମଧୁଙ୍କ ଏଭଳି ମୃତ୍ୟୁ ଅଞ୍ଚଳରେ ଶୋକର ଛାୟା ଖେଳାଇଦେଇଛି।

### ପେନ୍‌ସନ ସମସ୍ୟା ଉପରେ ଆଲୋଚନା

**କାମାକ୍ଷାନଗର, ୨।୧୧(ଡି.ଏନ୍.ଏ.):** ଢେଙ୍କାନାଳ ଜିଲା କଙ୍କଡାହାଡ଼ ବ୍ଲକ ଗଡ଼ପଳାଶୁଣି ନିଗମାନନ୍ଦ ଆଶ୍ରମଠାରେ ଶ୍ରୀ ଜଗନ୍ନାଥ ଅବସରପ୍ରାପ୍ତ କର୍ମଚାରୀ ସଂଘର ବାର୍ଷିକ ଅଧିବେଶନ ବୁଧବାର ଅନୁଷ୍ଠିତ ହେଇଯାଇଛି। ଶିକ୍ଷାବିତ୍ ତଥା ସଂଘର ସ୍ଥାୟୀ ସଭାପତି ଦୁର୍ଯ୍ୟୋଧନ ବେହେରାଙ୍କ ସଭାପତିତ୍ୱରେ ଅନୁଷ୍ଠିତ ଏହି ସଭାରେ ୧୨୪ ସଦସ୍ୟ ଯୋଗଦେଇଥିଲେ। ପ୍ରାରମ୍ଭରେ ଦିବଂଗତ କର୍ମଚାରୀଙ୍କ ଅମରାତ୍ମାର ସଦ୍‌ଗତି କାମନା କରି ନୀରବ ପ୍ରାର୍ଥନା କରାଯାଇଥିଲା। ଗଡ଼ପଳାଶୁଣି ଷ୍ଟେଟବ୍ୟାଙ୍କ ପରିଚାଳକ ଘନଶ୍ୟାମ ମେହେର ମୁଖ୍ୟ ଅତିଥି ଭାବେ ଯୋଗଦେଇ ଅବସରପ୍ରାପ୍ତ କର୍ମଚାରୀଙ୍କ ସହ ବ୍ୟାଙ୍କର ସମ୍ପର୍କ, ସହଯୋଗ, ସମସ୍ୟା ଏବଂ ସମାଧାନ ଉପରେ ଆଲୋଚନା କରିଥିଲେ। ଅବସର ନେଇଥିବା କର୍ମଚାରୀମାନେ ଭୋଗୁଥିବା ବିଭିନ୍ନ ସମସ୍ୟା ସମ୍ପର୍କରେ ବ୍ୟାଙ୍କ ପରିଚାଳକଙ୍କୁ ଅବଗତ କରାଯାଇଥିଲା। ଶେଷରେ ସାମୂହିକ ପ୍ରସାଦ ସେବନ ବ୍ୟବସ୍ଥା ହୋଇଥିଲା।

### ଜନତାଙ୍କ ନିକଟତର ହେବାକୁ ଆହ୍ୱାନ

**ଭୁବନ, ୨।୧୧(ଡି.ଏନ.ଏ.)** ଢେଙ୍କାନାଳ ଜିଲା ଭୁବନ ଏନ୍‌ଏସିରେ ମଙ୍ଗଳବାର ବିଜେଡିର ଜନସମ୍ପର୍କ ପଦଯାତ୍ରା ଅନୁଷ୍ଠିତ ହୋଇଯାଇଛି। ଏମ୍‌ପି ମହେଶ ସାହୁ ଯୋଗଦେଇ ମୁଖ୍ୟମନ୍ତ୍ରୀ ନବୀନ ପଟ୍ଟନାୟକଙ୍କ ଲୋକାଭିମୁଖୀ କାର୍ଯ୍ୟ ସମ୍ପର୍କରେ ଜନସାଧାରଣଙ୍କୁ ଅବଗତ କରାଇଥିଲେ। ଏଥିସହ ଲୋକଙ୍କ ନିକଟତର ହେବାକୁ କର୍ମୀଙ୍କୁ ଆହ୍ୱାନ ଦେଇଥିଲେ। ଏହି ଉପଲକ୍ଷେ କାଳୀବଜାରଠାରୁ ଏକ ରାଲି ବାହାରି ନଗର ପରିକ୍ରମା କରିଥିଲା। ନଗରପାଳ ଶୁଭେନ୍ଦୁ ସାହୁ, ପୂର୍ବତନ ବ୍ଲକ ଅଧକ୍ଷ ଧର୍ମାନନ୍ଦ ବରାଳ, ବରିଷ୍ଠ କର୍ମକର୍ତ୍ତା ନରେନ୍ଦ୍ର ସାହୁ, ଅଜୟ ସେଠୀଙ୍କ ସମେତ ବହୁ ନେତା, କର୍ମୀ ଏବଂ ନିର୍ବାଚିତ ପ୍ରତିନିଧି ଯୋଗଦେଇଥିଲେ।

# ପ୍ରସ୍ତାବିତ ଇଥାନଲ୍ କମ୍ପାନୀକୁ ତୀବ୍ର ବିରୋଧ



ପରିବେଶ ସମ୍ବନ୍ଧୀୟ ଜନଶୁଣାଣି କାର୍ଯ୍ୟକ୍ରମରେ ଯୋଗଦେଇଥିବା ଗ୍ରାମବାସୀ।

■ପରିବେଶ ସମ୍ପର୍କିତ ଜନଶୁଣାଣି କାର୍ଯ୍ୟକ୍ରମ ବାତିଲ
■ଜମି, ଜଳ ପ୍ରଦୂଷିତ ହୋଇଯିବ: ଗ୍ରାମବାସୀ
■ଆଶଙ୍କାର କୌଣସି କାରଣ ନାହିଁ: କମ୍ପାନୀ ନିର୍ଦ୍ଦେଶକ



**ଢେଙ୍କାନାଳ ଅଫିସ, ୨।୧୧**

ଢେଙ୍କାନାଳ ସଦର ବ୍ଲକ ସପ୍ତଶଯ୍ୟା ପଞ୍ଚାୟତ ନିକଟରେ ପ୍ରସ୍ତାବିତ ଇଥାନଲ କମ୍ପାନୀକୁ ତୀବ୍ର ବିରୋଧ କରିଛନ୍ତି ଅଞ୍ଚଳବାସୀ। ଫଳରେ ବୁଧବାର ଅନୁଷ୍ଠିତ ପରିବେଶ ସମ୍ପର୍କିତ ଜନଶୁଣାଣି କାର୍ଯ୍ୟକ୍ରମକୁ ବାତିଲ କରିବାକୁ ପଡିଛି।

ପ୍ରାୟ ୨୦ ଏକର ଜମିରେ ଇଥାନଲ୍ କମ୍ପାନୀ ପ୍ରତିଷ୍ଠା କରିବାକୁ ସରକାରୀସ୍ତରରେ ଯୋଜନା କରାଯାଉଛି। ଲୋକଙ୍କ ମତାମତ ନେବାକୁ ସପ୍ତଶଯ୍ୟା ପଡ଼ାଗ୍ରାମ ନିକଟରେ ପରିବେଶ ସମ୍ବନ୍ଧୀୟ ଜନଶୁଣାଣି କାର୍ଯ୍ୟକ୍ରମ ଅନୁଷ୍ଠିତ ହୋଇଥିଲା। ଏଥିରେ ପଞ୍ଚାୟତ ଅନ୍ତର୍ଗତ ମାଝିସାହି, ବାନାସାହି, ବାଙ୍କୁଆଳ, ସପ୍ତଶଯ୍ୟା ପଡ଼ା, କମନିଙ୍ଗ୍ ଗ୍ରାମର ବାସିନ୍ଦା ଏକାଠି ହୋଇଥିଲେ। ଇଥାନଲ କମ୍ପାନୀ ଅଞ୍ଚଳରେ ପ୍ରଦୂଷଣ ବଢ଼ାଇବ। ଘଣ୍ଟିଆ ନାଳ ପାଣି ଏବଂ ଚାଷଜମି ପ୍ରଦୂଷିତ ହେବା ଆଶଙ୍କା ରହିଛି ବୋଲି ସେମାନେ କହିଥିଲେ। କୌଣସି ପରିସ୍ଥିତିରେ ଇଥାନଲ୍ କମ୍ପାନୀ କରାଇ ଦିଆଯିବ ନାହିଁ ବୋଲି କହି ଜିଦ୍‌ରେ ଅଟଳ ରହିଥିଲେ। ଫଳରେ ଜନଶୁଣାଣିକୁ ବାତିଲ କରିଦିଆଯାଇଥିଲା। ପ୍ରଶାସନ ପକ୍ଷରୁ ଅତିରିକ୍ତ ଜିଲାପାଳ ରମେଶ ଚନ୍ଦ୍ର ସେଠୀ, କମ୍ପାନୀର ଜିଏମ୍ ସତ୍ୟପ୍ରିୟ ମିଶ୍ର ପ୍ରମୁଖ ଉପସ୍ଥିତ ଥିଲେ।

ଏ ସଂକ୍ରାନ୍ତରେ ଅଞ୍ଚଳର ସେବତୀ ମୁର୍ମୁ, ଲୋଚି ରାଉତ, ଜିତେନ୍ଦ୍ର ନାୟକ କୁହନ୍ତି, ଜନଶୁଣାଣି ପାଇଁ କୌଣସି ନୋଟିସ ଦିଆଯାଇନାହିଁ। ୨-୩ ଦିନ ତଳେ ଏ ସମ୍ପର୍କରେ ସରପଞ୍ଚ ଜଣାଇଥିଲେ। ଅଞ୍ଚଳବାସୀ ଚାଷ ଉପରେ ନିର୍ଭରଶୀଳ। ନାଳ ପାଣି ପିଉଛୁ। କମ୍ପାନୀ ହେଲେ ବଡବଡିଆଙ୍କ ଲାଭ ହେଉଛି। ଗରିବଙ୍କ କଥା କେହି ଶୁଣୁନାହାନ୍ତି। ଇଥାନଲ୍ କମ୍ପାନୀ ହେଲେ ପ୍ରଦୂଷଣ ବଢ଼ିବ ବୋଲି ସେମାନେ କହିଛନ୍ତି। ଅଭିଯୋଗର ସ୍ପଷ୍ଟୀକରଣରେ କମ୍ପାନୀର ନିର୍ଦ୍ଦେଶକ ପ୍ରକାଶ ରାଉତ କହିଛନ୍ତି, ଲୋକମାନେ ଏହାକୁ ଠିକ୍‌ରେ ନ ବୁଝି ବିରୋଧ କରୁଛନ୍ତି। ଚାଉଳକୁ ଗରମ କରି ସିଝାହେବ। ସେହି ଗ୍ୟାସ୍‌ରୁ ଇଥାନଲ ତିଆରି ହୋଇ ପେଟ୍ରୋଲରେ ମିଶିବ। ଏହା ଏକ କୃଷିଭିତ୍ତିକ ଶିଳ୍ପ। ପ୍ରଦୂଷଣ ହେବାର କୌଣସି ଆଶଙ୍କା ନାହିଁ। ଅତିରିକ୍ତ ଜିଲାପାଳ ରମେଶ ସେଠୀ କୁହନ୍ତି, ଏହି ଜନଶୁଣାଣି ଇଥାନଲ କମ୍ପାନୀ ପାଇଁ ହୋଇଥିଲା। ଅଞ୍ଚଳବାସୀ ସେମାନଙ୍କ ମତାମତ ଦେଇଛନ୍ତି, ଯାହାର ଭିଡିଓ ରେକର୍ଡିଂ ହୋଇଛି । ଏହାକୁ ସରକାରଙ୍କ ପାଖକୁ ପଠାଇ ଦିଆଯିବ।

# ଆଜିଠୁ ବାଜି ରାଉତ ଫୁଟ୍‌ବଲ ଟୁର୍ଣ୍ଣାମେଣ୍ଟ

■ଉଦ୍‌ଘାଟନୀ ଦିବସରେ ଅନୁଷ୍ଠିତ ହେବ ୨ ମ୍ୟାଚ୍
■ମୁହାଁମୁହିଁ ହେବେ ଓଡ଼ିଶା-ମୁମ୍ବାଇ, ଗୋଆ-କେରଳ



**ଢେଙ୍କାନାଳ ଅଫିସ, ୨।୧୧**

ସର୍ବଭାରତୀୟ ଫୁଟ୍‌ବଲ ମହାସଂଘ (ଏଆଇଏଫ୍‌ଏଫ୍), 'ଆମେ ଓଡ଼ିଆ ଫାଉଣ୍ଡେଶନ ଟ୍ରଷ୍ଟ' ଏବଂ ଜିଲା କ୍ରୀଡ଼ା ସଂସଦର ମିଳିତ ସହଯୋଗରେ ନଭେମ୍ବର ୩ (ଗୁରୁବାର)ଠାରୁ ୮ ତାରିଖ ଯାଏ ଅନୁଷ୍ଠିତ ହେଉଛି 'ବାଜି ରାଉତ ଜାତୀୟ ଫୁଟବଲ କପ୍ ଟୁର୍ଣ୍ଣାମେଣ୍ଟ'। ଏଥିରେ ଓଡ଼ିଶା, ମୁମ୍ବାଇ, ଗୋଆ, କେରଳ, ରାଜସ୍ଥାନ, ପଶ୍ଚିମବଙ୍ଗ, ମଣିପୁର, ଦିଲ୍ଲୀ ଅଂଶଗ୍ରହଣ କରିଛନ୍ତି। ଢେଙ୍କାନାଳ ଷ୍ଟାଡିୟମ୍‌ରେ ଉଦ୍‌ଘାଟନୀ ସମାରୋହ ଅନୁଷ୍ଠିତ ହେବାକୁ ଥିବାବେଳେ ଏଥିଲାଗି ପ୍ରସ୍ତୁତି ଶେଷ ହୋଇଛି। ଏଭଳି ଜାତୀୟ ପ୍ରତିଯୋଗିତା ପାଇଁ ବହୁ ସଂଖ୍ୟାରେ କ୍ରୀଡ଼ାପ୍ରେମୀଙ୍କ ସମାଗମ ହେବାର ସମ୍ଭାବନା ଥିବାରୁ ସୁରକ୍ଷା ବ୍ୟବସ୍ଥା କଡ଼ାକଡ଼ି କରାଯାଇଛି।

ଉଦ୍‌ଘାଟନୀ ଦିବସରେ ଦୁଇଟି ମ୍ୟାଚ୍ ଖେଳାଯିବ। ମଧ୍ୟାହ୍ନ ୧୨ଟାରେ ହେବାକୁ ଥିବା ପ୍ରଥମ ମ୍ୟାଚ୍‌ରେ ଓଡ଼ିଶା ଏଫ୍‌ସି ଓ କେକ୍ରେଂ ଏଫ୍‌ସି ମୁମ୍ବାଇ ମୁହାଁମୁହିଁ ହେବେ। ସେହିପରି ଅପରାହ୍ନରେ ଚର୍ଚ୍ଚିଲ ବ୍ରଦର୍ସ ଏଫ୍‌ସି ଗୋଆ ଓ ଗୋକୁଲମ୍ ଏଫ୍‌ସି କେରଳ ମଧ୍ୟରେ ଅନ୍ୟ ଏକ କ୍ୱାର୍ଟର ଫାଇନାଲ ମ୍ୟାଚ୍ ଖେଳାଯିବ। ଟୁର୍ଣ୍ଣାମେଣ୍ଟର ପରବର୍ତ୍ତୀ ମ୍ୟାଚ୍‌ଗୁଡ଼ିକ ଅନୁଗୋଳ କଦମ୍ ପଡ଼ିଆରେ ଖେଳାଯିବ। ତାଳଚେର ସାଉଥ୍ ବଲଣ୍ଡା ବ୍ଲକ ଡାଇମଣ୍ଡ ଷ୍ଟାଡିୟମ୍‌ରେ ୮ ତାରିଖ ଅପରାହ୍ନରେ ଫାଇନାଲ ମ୍ୟାଚ୍ ସହ ଉଦ୍‌ଯାପନୀ ସମାରୋହ ଅନୁଷ୍ଠିତ ହେବ ବୋଲି ସ୍ଥିର କରାଯାଇଛି।

ଢେଙ୍କାନାଳ ଷ୍ଟାଡିୟମରେ ପୂର୍ବାହ୍ନ ୧୧ଟାରେ ଉଦ୍‌ଘାଟନୀ ସମାରୋହ ଅନୁଷ୍ଠିତ ହେବ। ମୁଖ୍ୟ ଅତିଥି ଭାବେ କେନ୍ଦ୍ର ଶିକ୍ଷା, ଦକ୍ଷତା ବିକାଶ ଓ ଉଦ୍ୟମିତା ମନ୍ତ୍ରୀ ଧର୍ମେନ୍ଦ୍ର ପ୍ରଧାନ ଯୋଗଦେବାର କାର୍ଯ୍ୟକ୍ରମ ରହିଛି। ଜାତୀୟସ୍ତରୀୟ ତାରକା କ୍ରୀଡ଼ାବିତ୍, ମାନ୍ୟଗଣ୍ୟ ବ୍ୟକ୍ତି ଉପସ୍ଥିତ ରହି ଖେଳାଳିଙ୍କୁ ଉତ୍ସାହିତ କରିବେ। ପ୍ରତିଯୋଗିତାର ସଫଳ ଆୟୋଜନ ପାଇଁ ଆୟୋଜକ ଅନୁଷ୍ଠାନ ଦିନରାତି ଏକ୍ କରିଦେଇଥିବାବେଳେ ଖେଳାଳିଙ୍କ ଅପେକ୍ଷାରେ ରହିଛି ଢେଙ୍କାନାଳ ଷ୍ଟାଡିୟମ୍।

# କେନାଲ ପାଣିକୁ ଅନାଇଛନ୍ତି ଚାଷୀ

**କାମାକ୍ଷାନଗର, ୨।୧୧(ଡି.ଏନ୍.ଏ.)**

ଜମି ଫାଟି ଆଁ, ବଢୁଛି ଅସନ୍ତୋଷ

ଶୁଖିଲା ପଡ଼ିଛି ଜମି। ପାଣି ନ ଥିବାରୁ ଧାନଗଛ ବଢ଼ିପାରୁନି କି କେଣ୍ଡା ବାହାରୁନି। ଢେଙ୍କାନାଳ ଜିଲା କଙ୍କଡ଼ାହାଡ଼ ବ୍ଲକ ଦଣ୍ଡାଧର ଡ୍ୟାମ ବାମପାର୍ଶ୍ୱ କେନାଲରେ ପାଣି ଛଡ଼ାଯାଉ ନ ଥିବାରୁ ଏଭଳି ସମସ୍ୟା ସୃଷ୍ଟି ହୋଇଥିବା ଅଭିଯୋଗ କରିଛନ୍ତି ଚାଷୀ। ଏହାର ସମାଧାନ ନ ହେଲେ ଚାଷ ଉଜୁଡ଼ିଯିବ ବୋଲି ସେମାନେ ଆଶଙ୍କା ବ୍ୟକ୍ତ କରିଛନ୍ତି।

ଦଣ୍ଡାଧର ଡ୍ୟାମ୍‌ରୁ ବାହାରିଥିବା ବାମପାର୍ଶ୍ୱ ମୁଖ୍ୟ ଓ ଶାଖା କେନାଲ ଉପରେ ପଥରକଟା, ମୁତୁରିବନ୍ଧ ଗ୍ରାମର ଚାଷୀ ନିର୍ଭରଶୀଳ। ତେବେ କେନାଲରେ ପାଣି ଆସୁ ନ ଥିବାରୁ ଜମି ଫାଟି ଆଁ କରିଛି। ଧାନକେଣ୍ଡା ବାହାରିବା ସମୟରେ ବତର ମରିଯାଇଥିବାରୁ ସମସ୍ୟା ବଢ଼ିଯାଇଛି। ଚଳିତବର୍ଷ ଚାଷ ଆରମ୍ଭରୁ କମ୍ ବର୍ଷା ଯୋଗୁ ଚାଷୀ ତଳି ବଞ୍ଚାଇବାକୁ ସଂଘର୍ଷ କରିଥିଲେ। ପରବର୍ତ୍ତୀ ସମୟରେ ମଧ ବ୍ଲକ ଅଞ୍ଚଳରେ ଆଶାଜନକ ବର୍ଷା ହେଲାନାହିଁ। ଏବେ କେନାଲରେ ପାଣି ଆସୁ ନ ଥିବାରୁ ଏହାକୁ ଭରସା କରି ଧାନ ଫସଲ କରିଥିବା ଚାଷୀଙ୍କ ଚିନ୍ତା ବଢ଼ିଯାଇଛି। ବ୍ୟାପକ ଫସଲ ନଷ୍ଟ ହୋଇଯାଇଥିବାରୁ ହାଡ଼ଭଙ୍ଗା ପରିଶ୍ରମର ମୂଲ୍ୟ ମିଳିବ କି ନାହିଁ, ତାହାକୁ ନେଇ ମଧ ସନ୍ଦେହ ଦେଖାଦେଇଥିବାବେଳେ ଋଣ ଶୁଝିବା ଚିନ୍ତା ଘାରିଛି। ବର୍ଷକର ରୋଜଗାର ବୁଡ଼ିବାକୁ ବସିଥିବାବେଳେ କ୍ଷୟକ୍ଷତି ଆକଳନ କରି କ୍ଷତିପୂରଣ ପ୍ରଦାନ କରିବାକୁ ଅଞ୍ଚଳର ଚାଷୀ ପ୍ରଶାସନ ନିକଟରେ ଦାବି କରିଛନ୍ତି। ସମସ୍ୟାକୁ ଗୁରୁତ୍ୱ ଦିଆ ନ ଗଲେ ସେମାନେ ଆନ୍ଦୋଳନକୁ ଓହ୍ଲାଇବେ ବୋଲି ଚେତାବନୀ ଦେଇଛନ୍ତି।

ଏ ସମ୍ପର୍କରେ ବାମପାର୍ଶ୍ୱ କେନାଲ ଦାୟିତ୍ୱରେ ଥିବା କନିଷ୍ଠ ଯନ୍ତ୍ରୀ ସୁରେଶ ଚନ୍ଦ୍ର ଗଡ଼ନାୟକ କହିଛନ୍ତି, ସମସ୍ୟା ସମ୍ପର୍କରେ ଅବଗତ ଅଛନ୍ତି। କିପରି ଶୀଘ୍ର ପାଣି ଛଡ଼ାଯିବ ସେ ଦିଗରେ ଗୁରୁତ୍ୱ ଦିଆଯିବ।



ପାଣି ନ ଥିବାରୁ ଜମି ଫାଟି ଆଁ କରିଛି।

# ଅସହାୟଙ୍କୁ ବଢ଼ାଇଲେ ସହାୟତା ହାତ

ଇନରହ୍ୱିଲ ଚେୟାରମ୍ୟାନଙ୍କ ଢେଙ୍କାନାଳ ଗସ୍ତ

**ଢେଙ୍କାନାଳ ଅଫିସ,୨।୧୧**





କାର୍ଯ୍ୟକ୍ରମରେ ଇନରହ୍ୱିଲ କ୍ଲବର ସଦସ୍ୟାମାନେ।

ଅନ୍ତର୍ଜାତୀୟ ମହିଳା ସଙ୍ଗଠନ ଇନରହ୍ୱିଲ କ୍ଲବର ଚେୟାରମ୍ୟାନ ଟି. ଚିରଞ୍ଜୀବୀ ଢେଙ୍କାନାଳ ଗସ୍ତରେ ଆସି ବିଭିନ୍ନ ସାମାଜିକ କାର୍ଯ୍ୟକ୍ରମରେ ସାମିଲ ହୋଇଥିଲେ। ଢେଙ୍କାନାଳ ଶାଖା ପକ୍ଷରୁ ଜୀବନଜ୍ୟୋତି ମାନସିକ ଅନଗ୍ରସର ବିଦ୍ୟାଳୟକୁ ୪ ଫ୍ୟାନ୍ ଓ ଶୁଖିଲା ଖାଦ୍ୟ ବଣ୍ଟନ କରାଯାଇଥିଲା। ଢେଙ୍କାନାଳ ବାଇପାସ୍ ପ୍ରବେଶ ପଥରେ ପୌର ଉପାଧକ୍ଷ ପ୍ରକାଶ ଚନ୍ଦ୍ର କୁଅଁର, ଚେୟାରମ୍ୟାନ୍ ଚିରଞ୍ଜୀବୀ ଏକ ଫଟୋଚିତ୍ର ସମ୍ବଳିତ ହୋର୍ଡିଂକୁ ଲୋକାର୍ପିତ କରିଥିଲେ। ଜିଲା କାରାଗାର ମହିଳା କଏଦୀଙ୍କୁ ଗ୍ରାଇଣ୍ଡର ଏବଂ ଖେଳ ସାମଗ୍ରୀ ପ୍ରଦାନ କରାଯାଇଥିଲା।

ଅପରାହ୍ନରେ ସଭାନେତ୍ରୀ ଅର୍ଚ୍ଚନା ମହାପାତ୍ରଙ୍କ ସଭାପତିତ୍ୱରେ ଆୟୋଜିତ ସମୀକ୍ଷା ବୈଠକରେ ସମ୍ପାଦିକା ଈଶ୍ୱରୀ ଖାୱର ବିବରଣୀ ପାଠ କରିଥିଲେ। କ୍ଲବର ଆଇଏସ୍‌ଓ ଶାଶ୍ୱତୀ ଦାସଗୁପ୍ତା ଏବଂ ସ୍ମରଣିକା ସମ୍ପାଦିକା ତୃପ୍ତି ନନ୍ଦଙ୍କ ପରିଚାଳନାରେ ଏକ ସ୍ମରଣିକା ଉନ୍ମୋଚନ କରାଯାଇଥିଲା। କିନ୍ନରଙ୍କୁ ଶୀତବସ୍ତ୍ର, ଶୁଖିଲା ଖାଦ୍ୟ ଓ ଆର୍ଥିକ ସହାୟତା ପ୍ରଦାନ କରାଯାଇଥିଲା। ଏହି ଅବସରରେ ନୂତନ ସଦସ୍ୟା ଉପମା ସାମଲ, ପ୍ରଭାତୀ ମହାପାତ୍ର, ଭାବନା ସାକ୍‌ସେନା, ସୋନାଲି ସାମଲ, ସୌମ୍ୟା ଶତଭିଷା ପ୍ରମୁଖଙ୍କୁ ଚେୟାରମ୍ୟାନ ଶପଥପାଠ କରାଇଥିଲେ। ପ୍ରତିଷ୍ଠାତା ସଦସ୍ୟା ସରିତା ଅଗ୍ରୱାଲ ଓ ଅନସୂୟା ଭୂତିଆ ସମ୍ବର୍ଦ୍ଧିତ ହୋଇଥିଲେ। କୋଷାଧକ୍ଷା ଶ୍ରଦ୍ଧା ଅଗ୍ରୱାଲ ଆୟବ୍ୟୟର ବିବରଣୀ ପ୍ରଦାନ କରିଥିବାବେଳେ ବରିଷ୍ଠ ସଦସ୍ୟା ଗୀତାଞ୍ଜଳି ନନ୍ଦ, ଅମିତା ଜୟସ୍ୱାଲ, ଅପର୍ଣ୍ଣା ରଥ, ଗାୟତ୍ରୀ ହିଣ୍ଡୋଚା, ରୋଜାଲିନ୍ ସ୍ୱାଇଁ, ଆଇ. ରୂପାରାଣୀ, ରାକ୍ଷୀ ସରୋଗୀ, ଖୁସବୁ ବେଗମ, ସସ୍ମିତା ଆଚାର୍ଯ୍ୟ, ଦୀପ୍ତିମୟୀ ଲେଙ୍କା, ଉଷା ଅଗ୍ରୱାଲ ପ୍ରମୁଖ ସହଯୋଗ କରିଥିଲେ।

# ମା' କାଳୀଙ୍କୁ ମେଲାଣି

**ଭୁବନ, ୨।୧୧(ଡି.ଏନ.ଏ.)**

ଢେଙ୍କାନାଳ ଜିଲା ଭୁବନର ପ୍ରସିଦ୍ଧ କାଳୀପୂଜା ଶାନ୍ତିଶୃଙ୍ଖଳାର ସହ ଶେଷ ହୋଇଛି। ଆଡମ୍ବରପୂର୍ଣ୍ଣ ଢଙ୍ଗରେ ମା'ଙ୍କୁ ମେଲାଣି ଦେଇଛନ୍ତି ଅଞ୍ଚଳବାସୀ। ଭସାଣି ଶୋଭାଯାତ୍ରାରେ କାଳୀବଜାର ବଣିକ ସଂଘ, ଲତାବିଲ ସିନେମାହଲ ଛକରେ ପୂଜା ପାଉଥିବା ମେଢ଼ ସାମିଲ ହୋଇଥିଲେ। ଅପରାହ୍ନ ୨ଟାରୁ ଆରମ୍ଭ ହୋଇଥିବା ବିସର୍ଜନ ପର୍ବ ରାତି ୧୧ଟାରେ ସମ୍ପୂର୍ଣ୍ଣ ହୋଇଥିଲା। ରାଜ୍ୟ ତଥା ରାଜ୍ୟ ବାହାରର ବାଜା, ବ୍ୟାଣ୍ଡପାର୍ଟି, ସଂକୀର୍ତ୍ତନ ଦଳ, ବେଶଧାରୀ କଳାକାର ପ୍ରମୁଖ ଆକର୍ଷଣ ସାଜିଥିଲେ। ପୋଲିସ, ପ୍ରଶାସନ ଓ ପୂଜା ମଣ୍ଡପର କର୍ମକର୍ତ୍ତାମାନେ ସହଯୋଗ କରିଥିଲେ। ମା'ଙ୍କୁ ବ୍ରାହ୍ମଣୀ ନଦୀରେ ବିସର୍ଜନ କରାଯାଇଥିଲା।



ଭସାଣି ଶୋଭାଯାତ୍ରାରେ ବେଶଧାରୀ କଳାକାର ଦକ୍ଷତା ପ୍ରଦର୍ଶନ କରୁଛନ୍ତି।

# ଯୁବକଙ୍କୁ କଚାଡ଼ି ମାରିଲା ଦନ୍ତା



ହାତୀ ଆକ୍ରମଣରେ ଯୁବକଙ୍କ ମୃତ୍ୟୁ ପରେ ଉତ୍ତେଜନା।

**ହାତୀ ଘଉଡ଼ାଇବାକୁ ଯାଇ ଜୀବନ ଗଲା**

■ବନ ବିଭାଗର ଅବହେଳାକୁ ଦାୟୀ କଲେ ଗ୍ରାମବାସୀ
■ବାରଣ କରିବା ସତ୍ତ୍ୱେ ହାତୀପଲ ପାଖକୁ ଯାଇଥିଲେ: ଫରେଷ୍ଟର

**ପରଜଙ୍ଗ, ୨।୧୧(ଡି.ଏନ.ଏ.)**

ଦୌରାତ୍ମ୍ୟ ସୃଷ୍ଟି କରିଥିବା ହାତୀପଲଙ୍କୁ ଘଉଡ଼ାଇବା ପାଇଁ ବନ ବିଭାଗ ପଦକ୍ଷେପ ନେଲାନାହିଁ। ଫଳରେ ବାଧ ହୋଇ ସ୍ଥାନୀୟ ବାସିନ୍ଦା ଏହି କାର୍ଯ୍ୟ କରିବାକୁ ଅଣ୍ଟା ଭିଡ଼ିଲେ। ହେଲେ ହାତୀଙ୍କୁ ଘଉଡ଼ାଇବାକୁ ଉଦ୍ୟମ କରୁଥିବାବେଳେ ହଠାତ୍ ଏକ ଦନ୍ତା ଜଣେ ଯୁବକଙ୍କୁ ଶୁଣ୍ଢରେ ଟେକିନେଇ କଚାଡ଼ିଦେଲା। ଘଟଣାସ୍ଥଳରେ ହିଁ ଉଡ଼ିଗଲା ତାଙ୍କର ପ୍ରାଣବାୟୁ। ଢେଙ୍କାନାଳ ଜିଲା ପରଜଙ୍ଗ ଥାନା ବସୁଲେଇ ଗାଁରେ ବୁଧବାର ଘଟିଥିବା ଏହି ଘଟଣା ବନ ବିଭାଗର ଚରମ ଅବହେଳାକୁ ପଦାରେ ପକାଇଥିବାବେଳେ ଏହାକୁ ନେଇ ଗ୍ରାମବାସୀଙ୍କ ମଧ୍ୟରେ ତୀବ୍ର ଅସନ୍ତୋଷ ସୃଷ୍ଟି ହୋଇଛି। ଅନ୍ୟପଟେ ଲୋକଙ୍କୁ ବାରଣ କରିବା ସତ୍ତ୍ୱେ ହାତୀ ଘଉଡ଼ାଇବାକୁ ଯିବାରୁ ଏଭଳି ଅଘଟଣ ଘଟିଥିବା ବନ ବିଭାଗ ପକ୍ଷରୁ କୁହାଯାଇଛି।

ଗ୍ରାମବାସୀଙ୍କ କହିବା କଥା, ଦୀର୍ଘଦିନ ହେଲା ଉକ୍ତ ଅଞ୍ଚଳରେ ଏକ ପଲରେ ୩୨ ହାତୀ ଉପଦ୍ରବ ସୃଷ୍ଟି କରି ଚାଲିଛନ୍ତି। ଚାଷୀମାନେ ବ୍ୟାପକ କ୍ଷତି ସହିଲେଣି। ବୁଧବାର ସକାଳେ ଝରାବେରଣା ଅଞ୍ଚଳରେ ଉକ୍ତ ହାତୀପଲ ଡେରା ପକାଇଥିବାବେଳେ ଏ ସମ୍ପର୍କରେ ଗ୍ରାମବାସୀ ବନ ବିଭାଗକୁ ସୂଚନା ଦେଇଥିଲେ। ଦଦରାଘାଟି ଫରେଷ୍ଟର ଶ୍ରୀନିବାସ ପ୍ରଧାନ, ହାତୀ ସ୍କ୍ୱାଡ୍ କର୍ମଚାରୀ ପହଞ୍ଚିଥିଲେ। ତେବେ ସନ୍ଧ୍ୟା ହେଲେ ହାତୀ ଘଉଡ଼ା ଯିବ କହି ବନ କର୍ମଚାରୀ ଫେରି ଯାଇଥିଲେ। ଅନ୍ୟପଟେ ହାତୀମାନେ ଗାଁମୁହାଁ ହେବା ଆଶଙ୍କା ଥିବାରୁ ଅପରାହ୍ନରେ ମାଟିଆ ସାହିର ରାମଚନ୍ଦ୍ର ବେହେରା ଏବଂ ଅନ୍ୟ କେତେଜଣ ଯୁବକ ହାତୀପଲକୁ ଘଉଡ଼ାଇବାକୁ ଯାଇଥିଲେ। ଏହି ସମୟରେ ଏକ ଦନ୍ତା ସେମାନଙ୍କୁ ଗୋଡ଼ାଇଥିଲା। ଅନ୍ୟମାନେ ହିଂସ୍ର ହାତୀ କବଳରୁ ବର୍ତ୍ତି ଯାଇଥିବାବେଳେ ରାମଚନ୍ଦ୍ର ଫସିଯାଇଥିଲେ। ହାତୀ ଆକ୍ରମଣରେ ଘଟଣାସ୍ଥଳରେ ତାଙ୍କର ମୃତ୍ୟୁ ହୋଇଯାଇଥିଲା।

ଏ ସଂକ୍ରାନ୍ତରେ ଫରେଷ୍ଟର ପ୍ରଧାନ କୁହନ୍ତି, ହାତୀ ଉପସ୍ଥିତି ସମ୍ପର୍କରେ ସୂଚନା ପାଇବା ପରେ ଗାଁକୁ ଯାଇଥିଲୁ। ହାତୀଙ୍କୁ ଉତ୍ତେଜିତ ନ କରିବାକୁ ଲୋକଙ୍କୁ ବୁଝାଯାଇଥିଲା। ଏପରି କି ୨ ହାତୀସ୍କ୍ୱାଡ୍ କର୍ମଚାରୀ ମୁତୟନ କରାଯାଇଥିଲା। ଏହାସତ୍ତ୍ୱେ ଅପରାହ୍ନରେ କେତେଜଣ ଯୁବକ ହାତୀଙ୍କୁ ଘଉଡ଼ାଇବାକୁ ଯାଇଥିଲେ। ଫଳରେ ଏଭଳି ଅଘଟଣ ଘଟିଲା। ମୃତଦେହ ଜବତ କରି ବ୍ୟବଚ୍ଛେଦ ଲାଗି ପଠାଯାଇଛି। ବନ କର୍ମଚାରୀ ହାତୀ ଉପରେ ନଜର ରଖିଥିବା ସେ ସୂଚନା ଦେଇଛନ୍ତି।

# ପୁନଃ କାର୍ଯ୍ୟକ୍ଷମ ହେବ ପୁରୁଣା ଜିଲା ଚିକିତ୍ସାଳୟ

■ଭିତ୍ତିଭୂମି ପରଖିଲେ ରାଜ୍ୟ ସ୍ୱାସ୍ଥ୍ୟ ନିର୍ଦ୍ଦେଶକ
■ମାନସିକ ରୋଗୀଙ୍କ ଚିକିତ୍ସା ପାଇଁ ୩୦ ଶଯ୍ୟା
■ନିଶା ନିବାରଣ କେନ୍ଦ୍ର ଭାବେ ବ୍ୟବହାର ହେବ

**ଢେଙ୍କାନାଳ ଅଫିସ, ୨।୧୧**



ପୁରାତନ ଜିଲା ମୁଖ୍ୟ ଚିକିତ୍ସାଳୟରେ ସ୍ୱାସ୍ଥ୍ୟ ନିର୍ଦ୍ଦେଶକ ବିଜୟ କୁମାର ମହାପାତ୍ରଙ୍କ ସମେତ ବିଭାଗୀୟ ଅଧିକାରୀମାନେ।

ଢେଙ୍କାନାଳସ୍ଥିତ ପୁରାତନ ଜିଲା ଚିକିତ୍ସାଳୟ ପୁଣିଥରେ କାର୍ଯ୍ୟକ୍ଷମ ହେବ। ଏଠାରେ ମାନସିକ ରୋଗୀଙ୍କୁ ଆବଶ୍ୟକ ଚିକିତ୍ସା ସୁବିଧା ଯୋଗାଇ ଦିଆଯିବ। ଡାକ୍ତରଖାନାକୁ ନିଶା ନିବାରଣ କେନ୍ଦ୍ର ଭାବେ ମଧ ବ୍ୟବହାର କରାଯିବ। ଅଭ୍ୟାସଗତ ନିଶାଡ଼ିଙ୍କୁ ଆବଶ୍ୟକ ସେବା ମିଳିବ। ସେମାନେ ଯେପରି ପୁନର୍ବାର ସମାଜର ମୁଖ୍ୟସ୍ରୋତରେ ସାମିଲ ହୋଇ ସ୍ୱାଭାବିକ ଜୀବନ ଜିଇବେ, ସେ ନେଇ ସମସ୍ତ ବ୍ୟବସ୍ଥା କରାଯିବ। ବୁଧବାର ଢେଙ୍କାନାଳ ଗସ୍ତରେ ଆସିଥିବା ରାଜ୍ୟ ସ୍ୱାସ୍ଥ୍ୟ ବିଭାଗ ନିର୍ଦ୍ଦେଶକ ବିଜୟ କୁମାର ମହାପାତ୍ର ମେଡିକାଲ ପରିଦର୍ଶନ କରିବା ପରେ ଏହି ସୂଚନା ଦେଇଛନ୍ତି। ବହୁବାର ଦାବି, ଆନ୍ଦୋଳନ ପରେ ପୁରୁଣା ଜିଲା ଚିକିତ୍ସାଳୟ କାର୍ଯ୍ୟକ୍ଷମ ନେଇ ରାଜ୍ୟ ସରକାରଙ୍କ ତତ୍ପରତାକୁ ସବୁ ମହଲରେ ସ୍ୱାଗତ କରାଯାଇଛି।

ସୂଚନାଯୋଗ୍ୟ, ୨୦୧୯ରେ ଦକ୍ଷିଣକାଳୀ ରୋଡ୍‌ସ୍ଥିତ ୭ ମହଲା ବିଶିଷ୍ଟ ନୂତନ ଜିଲା ଚିକିତ୍ସାଳୟ କାର୍ଯ୍ୟକ୍ଷମ ହେବା ପରେ ବର୍ଷ ବର୍ଷ ଧରି ଜିଲାବାସୀଙ୍କୁ ସେବା ଯୋଗାଇ ଆସୁଥିବା ବାଜିଚୌକସ୍ଥିତ ପୁରୁଣା ଜିଲା ଚିକିତ୍ସାଳୟ ପରିତ୍ୟକ୍ତ ହୋଇପଡ଼ିଛି। କରୋନା ସମୟରେ ଏହାକୁ କୋଭିଡ୍ ହସ୍ପିଟାଲ ଭାବେ ବ୍ୟବହାର କରାଯାଇଥିଲା। ତେବେ ଉକ୍ତ କୋଠାକୁ ସିଟି ହସ୍ପିଟାଲ କରିବାକୁ ସହରବାସୀ ଦାବି କରି ଆସୁଥିଲେ। ଏ ନେଇ ରାଜ୍ୟ ସରକାରଙ୍କୁ ବହୁବାର ସ୍ମାରକପତ୍ର ମାଧ୍ୟମରେ ଅବଗତ ମଧ କରାଯାଇଛି। ଏହାକୁ ଦୃଷ୍ଟିରେ ରଖି ରାଜ୍ୟ ସ୍ୱାସ୍ଥ୍ୟ ନିର୍ଦ୍ଦେଶକ ମହାପାତ୍ର ବୁଧବାର ପୁରୁଣା ଜିଲା ଚିକିତ୍ସାଳୟର ଭିତ୍ତିଭୂମି ପରଖିଛନ୍ତି। ଏଥିସହ ଜିଲା ପ୍ରଶାସନ ଏବଂ ସ୍ୱାସ୍ଥ୍ୟ ବିଭାଗର ପଦସ୍ଥ ଅଧିକାରୀଙ୍କ ସହ ଆଲୋଚନା କରିଛନ୍ତି। ଏଠାରେ ଏକ ହେଲ୍‌ଥ ଆଣ୍ଡ ୱେଲନେସ ସେଣ୍ଟର କାର୍ଯ୍ୟକ୍ଷମ କରିବାକୁ ଆଲୋଚନା ହୋଇଛି। ଏଥିସହ ମାନସିକ ରୋଗୀଙ୍କ ପାଇଁ ୩୦ ଏବଂ ନିଶା ନିବାରଣ ପାଇଁ ୨୦ ଶଯ୍ୟା ଉପଲବ୍ଧ ରହିବ। ଅବଶିଷ୍ଟ କୋଠା କର୍ମଚାରୀଙ୍କ କ୍ୱାର୍ଟର୍ସ ଭାବେ ବ୍ୟବହାର କରାଯିବ। ଆବଶ୍ୟକ ସ୍ଥଳେ ନୂତନ ଜିଲା ଚିକିତ୍ସାଳୟରେ ଚାଲିଥିବା ବିଭିନ୍ନ ବିଭାଗକୁ ସ୍ଥାନାନ୍ତର କରି ଅଣାଯାଇପାରିବ। ତେବେ ପରିତ୍ୟକ୍ତ କୋଠା ମରାମତି କାର୍ଯ୍ୟ ସରିବା ପରେ କାର୍ଯ୍ୟାଳୟକୁ ଅଣାଯିବ ବୋଲି ଜିଲା ମୁଖ୍ୟ ଚିକିତ୍ସାଧିକାରୀ ଡା. ଅଶୋକ କୁମାର ଦାଶ ସୂଚନା ଦେଇଛନ୍ତି।

ସ୍ୱାସ୍ଥ୍ୟ ନିର୍ଦ୍ଦେଶକଙ୍କ ଏହି ଗସ୍ତ ସମୟରେ ଅତିରିକ୍ତ ଜିଲାପାଳ ଉଦୟ କୁମାର ମହାପାତ୍ର, ଅତିରିକ୍ତ ମୁଖ୍ୟ ଚିକିତ୍ସାଧିକାରୀ ଡା. ଜୟକୃଷ୍ଣ ଜେନା, ଡା. ଜ୍ୟୋତିଷ ଚନ୍ଦ୍ର ମହାପାତ୍ର, ସ୍ୱାସ୍ଥ୍ୟ ମିଶନ ପରିଚାଳିକା ସୋନାଲି ପ୍ରିୟଦର୍ଶିନୀଙ୍କ ସମେତ ବିଭାଗୀୟ ଅଧିକାରୀ ଉପସ୍ଥିତ ଥିଲେ।

